# NATIONAL NEWS BULLETIN (ODIA)
## 17 February - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭାରତ ମହାସାଗର କ୍ଷେତ୍ର ପାଇଁ ଫ୍ରାନ୍ସ ଏକ ଅପରିହାର୍ଯ୍ୟ ସହଯୋଗୀ ଭାବେ ବର୍ଣ୍ଣନା କଲେ ପ୍ରଧାନମନ୍ତ୍ରୀ ।

– ମୁମ୍ବାଇଠାରେ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ବୈଠକ ।

- କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଆଗାମୀ ଦୁଇ ବର୍ଷ ମଧ୍ୟରେ ଭାରତ ୨୦୦ ବିଲିୟନ୍ ଡଲାର୍‌ରୁ ଅଧିକ ନିବେଶ ଆଶା ରଖିଛି, କହିଲେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ।
- ଜାତୀୟ ରାଜପଥ ପାର୍ଶ୍ୱରେ ସ୍ୱତନ୍ତ୍ର ମହୁମାଛି କରିଡ଼ର ବିକଶିତ କରାଯିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣର ଘୋଷଣା ।
- ବାଂଲାଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ବି.ଏନ୍.ପି. ମୁଖ୍ୟ ତାରିକ୍ ରହମନ ।

ଏବଂ

- ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରୁ ବାଦ୍ ପଡ଼ିଲା ଅଷ୍ଟ୍ରେଲିଆ ।

## ମୁମ୍ବାଇ-ପିଏମ୍-ଫ୍ରାନ୍ସ ପ୍ରେଜ୍ ମିଟ୍

ବିଶ୍ୱ ସ୍ଥିରତା ପାଇଁ ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସମ୍ପର୍କ ଏକ ଶକ୍ତି ଭାବରେ ଉଭା ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ମୁମ୍ବାଇରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ସହ ଆଜି ଦ୍ୱିପାକ୍ଷିକ ବୈଠକ ପରେ ମିଳିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମୋଦୀ କହିଛନ୍ତି, ଦ୍ୱିପାକ୍ଷିକ ସମ୍ପର୍କ ଜନ-ସହଭାଗିତା ଦ୍ୱାରା ବିକଶିତ ହୋଇଛି । ଭାରତ ମହାସାଗର କ୍ଷେତ୍ର ପାଇଁ ଫ୍ରାନ୍ସକୁ ଏକ ଅପରିହାର୍ଯ୍ୟ ସହଯୋଗୀ ଭାବରେ ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଛନ୍ତି । ନବସୃଜନ ସହଯୋଗ ମାଧ୍ୟମରେ ତ୍ୱରାନ୍ୱିତ ହୋଇଥାଏ । ଭାରତ ଏବଂ ଫ୍ରାନ୍ସ ଷ୍ଟାର୍ଟଅପ୍, ଏମ୍.ଏସ୍.ଏମ୍.ଇ. ଓ ଗବେଷଣା କ୍ଷେତ୍ରଗୁଡ଼ିକୁ ସମନ୍ୱିତ କରି ସ୍ୱଚ୍ଛ ଶକ୍ତି ଓ ଡିଜିଟାଲ୍ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆହ୍ୱାନର ମୁକାବିଲା କରିବାକୁ ଭାରତ ଲକ୍ଷ୍ୟ ରଖିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ ଦୃଷ୍ଟି କୋଣର ଏକ ପ୍ରମୁଖ ଉଦାହରଣ ଭାବରେ ଭାରତରେ

ଏୟାର୍ ବସ୍ **H1-25** ହେଲିକ୍ଟର ଯନ୍ତ୍ରାଂଶ ଯୋଡ଼ିବା ବ୍ୟବସ୍ଥାର ଉଦ୍‌ଘାଟନ ଉପରେ ଶ୍ରୀ ମୋଦୀ ଆଲୋକପାତ କରିଛନ୍ତି ।

**VO-1--PM---HELICOPTER**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ୨୦୨୬ ଦ୍ୱିପାକ୍ଷିକ ରୋଡ୍‌ମ୍ୟାପ୍‌ର କେନ୍ଦ୍ରବିନ୍ଦୁ ହୋଇ ରହିଛି । ଶ୍ରୀ ମୋଦୀ ନିରାପଦ, ସୁରକ୍ଷିତ ଏବଂ ଦକ୍ଷିଣ ବିଶ୍ୱ ଲାଗି ଫଳପ୍ରଦ ସାର୍ବଭୌମ୍ୟ ଏ.ଆଇ. ବିକାଶ ଉପରେ ଗୁରୁତ୍ୱପ୍ରଦାନ କରିଛନ୍ତି ।

ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନ୍ କହିଛନ୍ତି, ଭାରତ-ଫ୍ରାନ୍ସ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବିଶ୍ୱରେ ଅନନ୍ୟ ଭାବେ ପ୍ରତିପାଦିତ ହୋଇଛି ।

# ବୈଷ୍ଣବ-ଏଆଇ ସମିଟ୍

ଆଗାମୀ ଦୁଇ ବର୍ଷ ମଧ୍ୟରେ କୃତିମ ବୁଦ୍ଧିମତା କ୍ଷେତ୍ରରେ ଭାରତ ୨୦୦ ବିଲିୟନ୍ ଡଲାର୍‌ରୁ ଅଧିକ ନିବେଶ ଆଶା ରଖିଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଶିଖର ସମ୍ମିଳନୀକୁ ବିଭିନ୍ନ କ୍ଷେତ୍ରରୁ ସକାରାତ୍ମକ ପ୍ରତିକ୍ରିୟା ମିଳୁଛି । ସମ୍ମିଳନୀ ଅବସରରେ କୃତ୍ରିମ

ବୁଦ୍ଧିମତାର ସଠିକ୍ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ନେଇ ବିଶ୍ୱ ନେତାଙ୍କ ମଧ୍ୟରେ ଏକ ସହମତି ସୃଷ୍ଟି କରିବାକୁ ଭାରତ ପ୍ରୟାସ କରିବ ବୋଲି ସେ କହିଛନ୍ତି । ଏହାଦ୍ୱାରା କୃତ୍ରିମ ବୁଦ୍ଧିମତାକୁ ମାନବତାର ହିତ ପାଇଁ ବ୍ୟବହାର କରାଯାଇପାରିବ । ଏ.ଆଇ. ଇକୋସିଷ୍ଟମ୍‌ରେ ରହିଥିବା ବାଧାବିଘ୍ନକୁ ପ୍ରଯୁକ୍ତି ଆଇନ୍‌ଗତ ପଦ୍ଧତି ମାଧ୍ୟମରେ ସମାଧାନ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

**VO-3-ASHWINI-VAISHNAW**

ଶ୍ରୀ ବୈଷ୍ଣବ କହିଛନ୍ତି, ସମ୍ମିଳନୀ ଅବସରରେ ଏ.ଆଇ. ଆଧାରିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ବୈଠକମାନ ଅନୁଷ୍ଠିତ ହେବ । ବିଶ୍ୱ ସ୍ତରୀୟ ନେତା, ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରକ ଏ.ଆଇ.ର ସମୟୋଚିତ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଉପରେ ପରସ୍ପର ମଧ୍ୟରେ ମତ ବିନିମୟ କରିବେ । ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ବିଶ୍ୱସ୍ତରରେ ଏକ କେନ୍ଦ୍ର ଭାବେ ଉଭା ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ଗତବର୍ଷ ଭାରତରେ ଅନୁଷ୍ଠିତ ସେମିକଣ୍ଡକ୍ଟର ମିଶନ୍ ଅତ୍ୟନ୍ତ ଉତ୍ସାହଜନକ ରହିଥିଲା ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

# ଏମ୍‌ଆଇବି-ଜାଜୁ-ଏଆଇ

କୃତ୍ରିମ ବୁଦ୍ଧିମତା ସମଗ୍ର ଦେଶର କଥାକାରଙ୍କ ପାଇଁ ଏକ ବଡ଼ ପ୍ଲାଟ୍‌ଫର୍ମ ଓ ସୁଯୋଗ ପ୍ରଦାନ କରିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ କହିଛନ୍ତି । ଭାରତ ଏ.ଆଇ. ପ୍ରଭାବ ସମ୍ମିଳନୀ ସମ୍ପର୍କିତ ଆକାଶବାଣୀ ସମ୍ବାଦ ବିଭାଗ ସହ ଆଲୋଚନା କାଳରେ ଶ୍ରୀ ଜାଜୁ କହିଛନ୍ତି, ଏ.ଆଇ. ଉପଯୋଗ ମାଧ୍ୟମରେ ଯୁବକଥାକାର ନିଜର ଚିନ୍ତାଧାରାକୁ ସମାଜ ସମ୍ମୁଖକୁ ଆଣିପାରିବେ । ଏ କ୍ଷେତ୍ରରେ ଭବିଷ୍ୟତରେ ବ୍ୟାପକ ପରିବର୍ତ୍ତନ ଘଟିବାକୁ ଯାଉଛି ବୋଲି ସେ କହିଛନ୍ତି ।

# ପ୍ରେଜ୍-ଏପି

ଆନ୍ତର୍ଜାତିକ ଫ୍ଲିଟ୍ ରିଭ୍ୟୁ – ଆଇ.ଏଫ୍.ଆର୍. ୨୦୨୬ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଶାଖାପାଟଣାଠାରେ ପହଞ୍ଚିଛନ୍ତି । ଆଇ.ଏନ୍.ଏସ୍. ଡେଗା ନୌସେନା ବିମାନଘାଟି ଠାରେ ରାଷ୍ଟ୍ରପତି ଅବତରଣ କରିବା ପରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଏସ୍. ଅବଦୁଲ୍ ନାଜିର, ଉପ-ମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ, ବିଶାଖାପାଟଣା ସାଂସଦ ଏମ୍. ଶ୍ରୀଭାରତ ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି । ଆନ୍ତର୍ଜାତିକ ଫ୍ଲିଟ୍ ରିଭ୍ୟୁ କାର୍ଯ୍ୟକ୍ରମ ଆସନ୍ତାକାଲି ଅନୁଷ୍ଠିତ ହେବ । ତିନି

ସଶସ୍ତ୍ର ବାହିନୀର ମୁଖ୍ୟ ଭାବେ ରାଷ୍ଟ୍ରପତି ଆନୁଷ୍ଠାନିକ ଭାବେ ସମୀକ୍ଷା କରିବା ସହ ଦେଶର ନୌଶକ୍ତି ଏବଂ ସାମୁଦ୍ରିକ ଦକ୍ଷତାରେ ଏକ ବିଶେଷ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଏନ୍‌ଏଚ୍‌ଏଆଇ-ବିଇଇ କରିଡ଼ର୍ସ୍

ଜାତୀୟ ରାଜପଥ ପାର୍ଶ୍ୱରେ ସ୍ୱତନ୍ତ୍ର ମହୁମାଛି କରିଡ଼ର ବିକସିତ କରିବା ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏନ୍.ଏଚ୍.ଏ.ଆଇ. ଘୋଷଣା କରିଛି । ନିରନ୍ତର ତଥା ପରିବେଶଗତ ଭିତ୍ତିଭୂମି ବିକାଶ ପ୍ରତି ଏନ୍.ଏଚ୍.ଏ.ଆଇ.ର ଅଙ୍ଗୀକାର ବଦ୍ଧତାକୁ ଏହା ପ୍ରତିଫଳନ କରୁଛି । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ କହିଛି, ମହୁମାଛି ଅନୁକୂଳ ଚାରା ରୋପଣ ଦ୍ୱାରା ପରିବେଶଗତ ସନ୍ତୁଳନକୁ ରକ୍ଷା କରାଯାଇ ପାରିବ । ଏହି କରଡ଼ରଗୁଡ଼ିକରେ ଫୁଲଗଛ ତଥା ଅନ୍ୟାନ୍ୟ ମହୁମାଛି ଅନୁକୂଳ ବୃକ୍ଷ ରହିବ, ଯାହାକି ବର୍ଷ ସାରା ମହୁ ତଥା ପରାଗ ଉପଲବ୍ଧତାକୁ ସୁନିଶ୍ଚିତ କରିବ । କୃଷି ଜଳବାୟୁ ପରିସ୍ଥିତି ଏବଂ ସ୍ଥାନୀୟ ଉପଲବ୍ଧତା ଉପରେ ନିର୍ଭର କରି ଏନ୍.ଏଚ୍.ଏ.ଆଇ. ପକ୍ଷରୁ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଅଞ୍ଚଳରେ ଏହି କରିଡ଼ରକୁ ବିକଶିତ କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି ।

ଆସନ୍ତା ଆର୍ଥିକ ବର୍ଷରେ ଜାତୀୟ ରାଜପଥ ପାର୍ଶ୍ୱରେ ୪୦ ଲକ୍ଷ ଚାରା ରୋପଣ କରାଯିବାର ଯୋଜନା ରହିଛି ଏବଂ ସେଥିମଧ୍ୟରୁ ୬୦ ପ୍ରତିଶତ ମହୁମାଛି କରିଡ଼ର ପଦକ୍ଷେପ ଅଧୀନରେ କରାଯିବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଜୟପୁର-ଶିବରାଜ ଚୌହାନ

ଚାଷୀଙ୍କୁ ସଶକ୍ତ ତଥା ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କରିବାରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଅତ୍ୟନ୍ତ ଜରୁରୀ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ଏହି ଦୃଷ୍ଟିକୋଣ ଆଧାରରେ ସରକାର ନିରନ୍ତର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ଚୌହାନ କହିଛନ୍ତି । ଜୟପୁରଠାରେ ଆଜି କୃଷକଙ୍କ ଡିଜିଟାଲ୍ ସାଥି ଭାରତ ବିସ୍ତାରକୁ ଉନ୍ମୋଚନ କରିବା ଅବସରରେ ଶ୍ରୀ ଚୌହାନ କହିଛନ୍ତି, ଏହି ପଦକ୍ଷେପ ଚାଷୀଙ୍କୁ ସ୍ମାର୍ଟ୍, ସଶକ୍ତ ଏବଂ ସୁସଂହତ କରିବା ପାଇଁ ଉପଯୋଗୀ ସାବ୍ୟସ୍ତ ହେବ । ଉତ୍ପାଦ ବୃଦ୍ଧି, ନିବେଶଜନିତ ଖର୍ଚ୍ଚ ହ୍ରାସ, କ୍ଷତିପୂରଣ ଏବଂ ସମନ୍ୱିତ କୃଷିକୁ ପ୍ରୋତ୍ସାହନ କରିବା ଉପରେ ସରକାର ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି । ସେ କହିଛନ୍ତି, କୃଷି ସହିତ ପଶୁପାଳନ,

କୁକୁଡ଼ା ପାଳନ ଏବଂ ମତ୍ସ୍ୟ ପାଳନକୁ ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରାଯିବା ଉଚିତ୍ ।

ଭାରତ ବିସ୍ତାର ଉପରେ ଆଲୋକପାତ କରି ଶ୍ରୀ ଚୌହାନ କହିଛନ୍ତି, ଯୋଜନା ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଉପଯୋଗ ନେଇ ସୂଚନାର ଅଭାବ ଚାଷୀଙ୍କୁ କ୍ଷତି ପହଞ୍ଚାଇଥାଏ । ତେବେ ଏହି ନୂତନ ପ୍ଲାଟ୍‌ଫର୍ମ ମାଧ୍ୟମରେ ଫସଲ ଆଧାରିତ ବୈଜ୍ଞାନିକ ପରାମର୍ଶ, ମଣ୍ଡି ମୂଲ୍ୟ, ପାଣିପାଗ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ଚାଷୀ ପାଇପାରିବେ ବୋଲି ସେ କହିଛନ୍ତି ।

**VO-2-SHIVRAJ-SINGH-CHAUHAN**

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିରେ କୃଷିକଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଚୌହାନ ସ୍ପଷ୍ଟ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କୃଷି ରାଷ୍ଟ୍ରମନ୍ତ୍ରୀ ଭଗିରଥ ଚୌଧୁରୀ, ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ପ୍ରମୁଖ ଯୋଗଦେଇଥିଲେ ।

## ବାଂଲାଦେଶ-ଓଥ

ବାଂଲାଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି – ବି.ଏନ୍.ପି.ର ମୁଖ୍ୟ ତାରିକ୍ ରହମାନ ଶପଥଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ମହମ୍ମଦ ସାହାବୁଦ୍ଦିନ୍ ବଙ୍ଗଭବନ ପରିବର୍ତ୍ତେ ଜାତୀୟ

ସଂସଦର ଦକ୍ଷିଣ ପ୍ଲାଜାରେ ଶ୍ରୀ ରହମନଙ୍କୁ ଶପଥପାଠ କରାଇଛନ୍ତି । ତ୍ରୟୋଦଶ ସଂସଦୀୟ ସାଧାରଣ ନିର୍ବାଚନରେ ବି.ଏନ୍.ପି. ବିପୁଳ ବିଜୟ ହାସଲ କରିଛି । ଆଜି ଶ୍ରୀ ରହମନଙ୍କ ପାର୍ଟିର ସଂସଦୀୟ ଦଳ ନେତା ଭାବେ ନିର୍ବାଚିତ କରାଯାଇଥିଲା । ତ୍ରୟୋଦଶ ସଂସଦୀୟ ନିର୍ବାଚନରେ ୨୯୭ଟି ଆସନ ମଧ୍ୟରୁ ବି.ଏନ୍.ପି. ୨୦୯ଟି ଆସନରେ ବିଜୟ ଲାଭ କରିଥିବା ବେଳେ ଜମାତ୍-ଏ-ଇସଲାମି ୬୮ଟି ଆସନ ପାଇଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ନେତୃତ୍ୱାଧୀନ ଆୱାମି ଲିଗ୍‌କୁ ନିର୍ବାଚନ ଲଢ଼ିବାରୁ ବାରଣ କରାଯାଇଥିଲା ।  ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏହି ଶପଥଗ୍ରହଣ ସମାରୋହରେ ଯୋଗଦେଇଥିଲେ ।

## ଏଆଇଏମ୍ ନୀତିଆୟୋଗ-ଏଆଇ

ନୀତି ଆୟୋଗ ପକ୍ଷରୁ ଆଜି ଏ.ଆଇ.–ପ୍ରିମିୟର୍ସ୍ ଅଫ୍ ଇଣ୍ଡିଆ ଶୀର୍ଷକ ଏକ କଫିଟେବୁଲ୍ ପୁସ୍ତକର ଉନ୍ମୋଚନ କରାଯାଇଛି । ନୂଆଦିଲ୍ଲୀରେ ଭାରତ ମଣ୍ଡପମ୍‌ଠାରେ ଚାଲିଥିବା ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ ଅବସରରେ ଅଟଳ ନବସୃଜନ ମିଶନ ଏ.ଆଇ.ଏମ୍. ଅଧୀନରେ ଏହି ପୁସ୍ତକ ପ୍ରକାଶିତ ହୋଇଛି । ନୀତି ଆୟୋଗ କହିଛି, ଏହି ପୁସ୍ତକରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ସ୍ଥାୟିତ୍ୱ, ଗତିଶୀଳତା, କ୍ରୀଡ଼ା ସମୀକ୍ଷା, ପ୍ରଯୁକ୍ତି ଏବଂ ସାମାଜିକ ପ୍ରଭାବ ଆଦି ୩୦ରୁ ଅଧିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍ ଗୁଡ଼ିକୁ ସ୍ଥାନିତ

କରାଯାଇଛି । ଏହି ପୁସ୍ତକଟି ଭାରତର କୃତ୍ରିମ ବୁଦ୍ଧିମତା ନବସୃଜନ କ୍ଷେତ୍ରର ଭୌଗଳିକ ତଥା ବିଷୟଗତ ବିବିଧତାକୁ ପ୍ରତିଫଳନ କରୁଛି । ପାରମ୍ପରିକ ପ୍ରଯୁକ୍ତିବିଦ୍ୟା ହବ୍‌ଠାରୁ ଆରମ୍ଭ କରି ଏହା ଅଧିକ ବ୍ୟାପକ ହୋଇଛି ।

ଶୁଭାରମ୍ଭ ଅବସରରେ ଅଟଳ ଇନୋଭେସନ୍ ମିଶନ୍‌ର ନିର୍ଦ୍ଦେଶକ ଦୀପକ ବଗଲା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୃତ୍ରିମ ବୁଦ୍ଧିମତା ଦୃଷ୍ଟିକୋଣର ଆଧାରରେ ଏହି ପୁସ୍ତକ ପ୍ରସ୍ତୁତ କରାଯାଇଛି । ସମାବେଶୀ ଅଭିବୃଦ୍ଧି, ନୈତିକତା ଭିତ୍ତିକ ପଦକ୍ଷେପ ଏବଂ କୃତ୍ରିମ ବୁଦ୍ଧିମତା ସମ୍ପର୍କିତ ସାମାଜିକ କଲ୍ୟାଣ ପଦକ୍ଷେପ ଉପରେ ଆଧାରିତ । ସେ ଆହୁରି କହିଛନ୍ତି, ଏହି ପୁସ୍ତକର ଉଦ୍ଦେଶ୍ୟ ହେଉଛି – ନବସୃଜନ ମାଧ୍ୟମରେ ବିଶ୍ୱସ୍ତରୀୟ ଆଲୋଚନାକୁ ଆଗେଇ ନେବା ପାଇଁ ଭାରତକୁ ମାର୍ଗ ଦର୍ଶନ କରିବା ।

## କ୍ରିକେଟ୍-ୱାର୍ଲ୍ଡକପ୍

ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ତୃତୀୟ ମ୍ୟାଚ୍ ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମ୍‌ରେ ସ୍କଟ୍‌ଲାଣ୍ଡ ଓ ନେପାଳ ମଧ୍ୟରେ ଜାରି ରହିଛି । ନେପାଳ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।

ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ କାନାଡ଼ା ବିପକ୍ଷରେ ୮ ୱିକେଟ୍‌ରେ ବିଜୟୀ ହୋଇଛି ।

ଦ୍ୱିତୀୟ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ଭବ ହୋଇପାରି ନାହିଁ । ପାଲେକେଲେ ଷ୍ଟାଡିୟମ୍‌ଠାରେ ଜିମ୍ବାୱେ ଏବଂ ଆୟରଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଉଭୟ ଦଳ ସମାନ ଭାବରେ ପଏଣ୍ଟ ପାଇଛନ୍ତି । ଫଳରେ ଗ୍ରୁପ୍-ବି'ର ଦ୍ୱିତୀୟ ଦଳ ଭାବେ ଜିମ୍ବାୱେ ସୁପର୍-୮ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି ।